କେ. ଏନ୍. ବୀନା

ବନାମ

ମୁନିୟାପାନ୍ ଏବଂ ଅନ୍ୟଜଣେ

ଅକ୍ଟୋବର 18,2001

[କେ. ଟି. ଥୋମାସ୍ ଏବଂ ଏସ୍. ଏନ୍. ବାରିଆଭା, ନ୍ୟାୟମୂର୍ତ୍ତିଦ୍ୱୟ]

*ବିନିମୟଯୋଗ୍ୟ ବିଲେଖ ଆଇନ 1881:*

*ଧାରା 118-ବିନିମୟଯୋଗ୍ୟ ବିଲେଖ-ବିଚାରଯୋଗ୍ୟ ଅନୁମାନ-ନିର୍ଣ୍ଣିତ:ଯଦି ଏହାର ବିପରୀତ ପ୍ରମାଣିତ ନହୁଏ, ତେବେ ଏହା ଅନୁମାନ କରିବାକୁ ହେବ ବିନିମୟଯୋଗ୍ୟ ବିଲେଖ (ଏକ ଚେକ୍ ସମେତ) ଏକ ମୂଲ୍ୟ ପାଇଁ ପ୍ରସ୍ତୁତ କରାଯାଇଥିଲା କିମ୍ବା ପ୍ରାପ୍ତ ଲେଖା ଯାଇଥିଲା ।*

*ଧାରା 139- ଧାରକ - ସପକ୍ଷରେ ଅନୁମାନ -ନିର୍ଣ୍ଣିତ :ଯଦି ଏହାର ବିପରୀତ ପ୍ରମାଣିତ ନହୁଏ, ଅଦାଲତଙ୍କୁ ଅନୁମାନ କରିବାକୁ ପଡିବ ଯେ ଚେକ୍ ଧାରକ ଏକ ଋଣ କିମ୍ବା ଦାୟକୁ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଭାବରେ ନିର୍ବାହ କରିବା ପାଇଁ ଚେକ୍ ଗ୍ରହଣ କରିଛନ୍ତି ।*

*ଧାରା 138-ଚେକ୍ ର ଅଗ୍ରାହ୍ୟ-ପାଣ୍ଠିର ଅଭାବ ପାଇଁ-ଅଭିଯୁକ୍ତଙ୍କ ଦ୍ୱାରା ଜାରି କରାଯାଇଥିବା ଚେକ୍ କୁ ଅଗ୍ରାହ୍ୟ କରାଗଲା -ବିଚାର କରୁଥିବା ଅଦାଲତ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିଥିଲେ-କିନ୍ତୁ ଉଚ୍ଚ ନ୍ୟାୟାଳୟ , ପୁନଭିକ୍ଷଣରେ ଅଭିଯୁକ୍ତକୁ ଏହି ଆଧାରରେ ନିର୍ଦ୍ଦୋଷରେ ଖଲାସ କରିଥିଲେ ଯେ ପ୍ରାପକ ପ୍ରମାଣ କରିନଥିଲେ ଯେ ଚେକ୍ କୌଣସି ଋଣ କିମ୍ବା ଦାୟିତ୍ୱ ପାଇଁ ଜାରି କରାଯାଇଥିଲା-ଏହାର ସଠିକତା-ନିର୍ଣ୍ଣିତ : ଧାରା 138 ଅନୁଯାୟୀ ଅଭିଯୋଗଗୁଡ଼ିକରେ ଅଦାଲତଙ୍କୁ ଅନୁମାନ କରିବାକୁ ହେବ ଯେ ଚେକ୍ ଏକ ଋଣ କିମ୍ବା ଦାୟ ପାଇଁ ଜାରି କରାଯାଇଛି-ଏହି ଅନୁମାନ, ତଥାପି,*

*ଖଣ୍ଡନଯୋଗ୍ୟ- କିନ୍ତୁ ଋଣ କିମ୍ବା ଦାୟ ପାଇଁ ଚେକ୍ ଜାରି କରାଯାଇ ନାହିଁ ବୋଲି ପ୍ରମାଣ କରିବାର ଦାୟ ଅଭିଯୁକ୍ତ ଉପରେ ରହିଛି ।*

ଆବେଦନକାରୀ ବିନିମୟଯୋଗ୍ୟ ବିଲେଖ ଆଇନ, **1881**ର ଧାରା **138** ଅନୁଯାୟୀ ଏକ ଅଭିଯୋଗ ଦାଖଲ କରିଥିଲେ କାରଣ ଆବେଦନକାରୀଙ୍କ ସପକ୍ଷରେ ପ୍ରଥମ ଉତ୍ତରଦାତାଙ୍କ ଦ୍ୱାରା ଜାରି କରାଯାଇଥିବା ଚେକ୍ ଅଗ୍ରାହ୍ୟ ହୋଇଥିଲା । ବିଚାର କରୁଥିବା ନ୍ୟାୟାଳୟ ପ୍ରଥମ ଉତ୍ତରଦାତାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ । ପ୍ରଥମ ଅପିଲୀୟ ନ୍ୟାୟାଳୟ ଏହି ଦଣ୍ଡାଦେଶକୁ ନିଶ୍ଚିତ କରିଥିଲେ । ତେବେ, ଉଚ୍ଚ ନ୍ୟାୟାଳୟ, ପୁନଃରୀକ୍ଷଣରେ, ଏହି ଆଧାରରେ ଦଣ୍ଡବିଧାନକୁ ବାତିଲ କରିଦେଇଥିଲେ ଯେ ଆବେଦନକାରୀ ପ୍ରମାଣ କରିନଥିଲେ ଯେ ଚେକ୍ କୌଣସି ଋଣ କିମ୍ବା ଦାୟ ପାଇଁ ଜାରି କରାଯାଇଥିଲା । ସେଥିପାଇଁ ଏହି ଆବେଦନ କରାଯାଇଛି ।

ଆବେଦନକୁ ଫଏସଲା କରି ଅଦାଲତ

ନିର୍ଣ୍ଣିତ :**1.1.**ବିନିମୟଯୋଗ୍ୟ ବିଲେଖ ଆଇନ,**1881**ର ଧାରା **118** ଅନୁଯାୟୀ, ଯଦି ଏହାର ବିପରୀତ ପ୍ରମାଣିତ ନହୁଏ, ତେବେ ଏହା ଅନୁମାନ କରାଯାଏ ମୂଲ୍ୟ ପାଇଁ ବିନିମୟଯୋଗ୍ୟ ବିଲେଖ (ଏକ ଚେକ୍ ସମେତ) ପ୍ରସ୍ତୁତ କରାଯାଇଥିଲା କିମ୍ବା ଲେଖା ଯାଇଥିଲା । ଧାରା **139** ଅନୁଯାୟୀ ଅଦାଲତଙ୍କୁ ଅନୁମାନ କରିବାକୁ ପଡିବ, ଯେଉଁ ପର୍ଯ୍ୟନ୍ତ ଏହାର ବିପରୀତ ପ୍ରମାଣିତ ନହେଲା ସେପର୍ଯ୍ୟନ୍ତ, ଯେ ଚେକ୍ ଧାରକ ଏକ ଋଣ କିମ୍ବା ଦାୟର ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଭାବରେ ତୁଲେଇବା ପାଇଁ ଚେକ୍ ଗ୍ରହଣ କରିଛନ୍ତି । ତେଣୁ ଧାରା **138** ଅନୁଯାୟୀ ଅଭିଯୋଗଗୁଡ଼ିକରେ, ଅଦାଲତଙ୍କୁ ଅନୁମାନ କରିବାକୁ ହେବ ଯେ ଚେକ୍ ଏକ ଋଣ କିମ୍ବା ଦାୟ ପାଇଁ ଜାରି କରାଯାଇଥିଲା । ଏହି ଅନୁମାନକୁ ଖଣ୍ଡନ କରାଯାଇପାରିବ । ତଥାପି, ଋଣ କିମ୍ବା ଦାୟ ପାଇଁ ଚେକ୍ ଜାରି କରାଯାଇ ନାହିଁ ବୋଲି ପ୍ରମାଣ କରିବାର ଦାୟ ଅଭିଯୁକ୍ତଙ୍କ ଉପରେ ରହିଛି ।

*ହିତେନ ପି. ଦଲାଲ ବନାମ ବ୍ରାଟିନ୍ଦ୍ରନାଥ ବାନାର୍ଜୀ, [2001] 6 ଏସ. ସି. ସି. 16, ଏହା ଉପରେ ନିର୍ଭର କରିଥିଲେ ।*

**1.2. ଦୃଢ଼ ପ୍ରମାଣର ଆଗତ କରି ପ୍ରଥମ ଉତ୍ତରଦାତାଙ୍କୁ ବିଚାରରେ ପ୍ରମାଣ କରିବାକୁ ପଡ଼ିଥିଲା, ଯେ କୌଣସି ଋଣ କିମ୍ବା ଦାୟ ନଥିଲା । ପ୍ରଥମ ଉତ୍ତରଦାତା କୌଣସି ପ୍ରମାଣ ଦେଇନଥିବାରୁ ତାଙ୍କ ଉପରେ ଥିବା ଦାୟରୁ ମୁକ୍ତି ପାଇଥିବା କୁହାଯାଇପାରିବ ନାହିଁ । ଋଣ କିମ୍ବା ଦାୟ ପାଇଁ ଚେକ୍ ଜାରି କରାଯାଇ ନାହିଁ ବୋଲି ପ୍ରମାଣ କରିବାର ଦାୟ ପ୍ରଥମ ଉତ୍ତରଦାତା ବିମୁକ୍ତ କରିନଥିଲେ, ମାଜିଷ୍ଟ୍ରେଟଙ୍କ ଦ୍ୱାରା ଦିଆଯାଇଥିବା ଦଣ୍ଡବିଧାନ ସଠିକ୍ ଥିଲା । ଉଚ୍ଚ ନ୍ୟାୟାଳୟ ଭୁଲବଶତଃ ସେହି ଦଣ୍ଡାଦେଶକୁ ବାତିଲ କରିଦେଇଥିଲେ ।**

ଫୌଜଦାରୀ ଆବେଦନ ଅଧିକରିତା : 2001ର ଫୌଜଦାରୀ ଆବେଦନ ସଂଖ୍ୟା 1066 ।

1995 ମସିହାର ଫୌଜଦାରୀ ଆବେଦନ ସଂଖ୍ୟା 883ରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟର 20.7.2000 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଭି. ପ୍ରଭାକର ଏବଂ ଏମ. କେ. ଡି. ନାମ୍ବୁଦିରି ।

ଉତ୍ତରଦାତା ସଂଖ୍ୟା 1 ପାଇଁ ବି. ଜେ. ଫ୍ରାନ୍ସିସ୍, ପି. ଆଇ. ଜୋସ୍, ଏ. ରାଧାକ୍ରିଷ୍ଣନ ଏବଂ ଜେନିସ୍ ଫ୍ରାନ୍ସିସ୍ ।

ଉତ୍ତରଦାତା ସଂଖ୍ୟା 2 ପାଇଁ ସୁଶ୍ରୀ ଶ୍ୱେତା ଗର୍ଗ ଏବଂ ରେବତୀ ରାଘବନ ।

ନ୍ୟାୟାଳୟର ରାୟ **ନ୍ୟାୟମୂର୍ତ୍ତି ଏସ୍. ଏନ୍. ବାରିଭାଙ୍କ** ଦ୍ୱାରା କରାଯାଇଥିଲା । ଅନୁମତି ପ୍ରଦାନ କରାଗଲା ।

ପକ୍ଷମାନଙ୍କୁ ଶୁଣିଲେ ।

ସଂକ୍ଷେପରେ ଉଲ୍ଲେଖ କରାଯାଇଥିବା ତଥ୍ୟଗୁଡ଼ିକ ନିମ୍ନରେ ଦିଆଗଲା :

ପ୍ରଥମ ଉତ୍ତରଦାତାଙ୍କ ଦ୍ୱାରା କେନ୍ଦ୍ରୀୟ ବ୍ୟାଙ୍କରେ ଆବେଦନକାରୀଙ୍କ ସପକ୍ଷରେ ଜାରି କରାଯାଇଥିବା 6 ଏପ୍ରିଲ, 1993 ତାରିଖରେ 63720 ଟଙ୍କାର ଚେକ୍ "ଅଯଥେଷ୍ଟ ପାଣ୍ଠି" ମନ୍ତବ୍ୟ ସହିତ ଅମାନ୍ୟ ହୋଇଥିବାରୁ ଆବେଦନକାରୀ ବିନିମୟଯୋଗ୍ୟ ବିଲେଖ ଆଇନର ଧାରା 138 ଅନୁଯାୟୀ ଏକ ଅଭିଯୋଗ ଦାଖଲ କରିଥିଲେ । ଆବେଦନକାରୀ 1993 ମସିହା ଏପ୍ରିଲ 28 ତାରିଖରେ ଏକ ଆଇନଗତ ବିଜ୍ଞପ୍ତି ଜାରି କରିଥିଲେ । ଉକ୍ତ ବିଜ୍ଞପ୍ତିର ପ୍ରାପ୍ତି ସ୍ୱୀକାର କରାଯାଇଥାଏ । 1993 ମସିହା ମେ ମାସ 21 ତାରିଖରେ ପ୍ରଥମ ଉତ୍ତରଦାତାଙ୍କ ଦ୍ୱାରା ଏକ ଉତ୍ତର ପଠାଯାଇଥିଲା । ତେବେ କୌଣସି ଦେୟ ପ୍ରଦାନ କରାଯାଇ ନଥିଲା ।

ବିଚାର ପରେ ନ୍ୟାୟିକ ଦଣ୍ଡାଧିକାରୀ -2, କୁମ୍ଭକୋଣମ୍, ଧାରା  138 ଅନୁଯାୟୀ ପ୍ରଥମ ଉତ୍ତରଦାତାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ65000 ଟଙ୍କାର ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଖିଲାପରେ, ପ୍ରଥମ ଉତ୍ତରଦାତାଙ୍କୁ ଏକ ବର୍ଷ ପାଇଁ ସାଧାରଣ କାରାବାସ ଭୋଗିବାକୁ ଥିଲା । ପ୍ରଥମ ଉତ୍ତରଦାତା 1995 ର ଫୌଜଦାରୀ ଆବେଦନ ସଂଖ୍ୟା 32 ଦାଖଲ କରି ଦୋଷୀ ସାବ୍ୟସ୍ତିକରଣ ଏବଂ ଦଣ୍ଡାଦେଶକୁ ଆପତ୍ତି କରିଥିଲେ । 1995 ମସିହା ଅଗଷ୍ଟ 28 ତାରିଖରେ ଦୌରା ନ୍ୟାୟାଧୀଶ ଏହାକୁ ଖାରଜ କରିଦେଇଥିଲେ ।

ଏହାପରେ ପ୍ରଥମ ଉତ୍ତରଦାତା ମାଡ୍ରାସ ଉଚ୍ଚ ନ୍ୟାୟାଳୟ ସମ୍ମୁଖରେ 1995ର ଅପରାଧିକ ପୁନରୀକ୍ଷଣ ସଂଖ୍ୟା 843କୁ ଆଗତ ଦେଇଥିଲେ । ଜଣେ ବିଦ୍ୱାନ ଏକକ ବିଚାରପତି, 2000 ମସିହା ଜୁଲାଇ 20 ତାରିଖର ଆପେକ୍ଷିତ ଆଦେଶ  ଦ୍ୱାରା, ଦଣ୍ଡାଦେଶକୁ ବାତିଲ କରି ପ୍ରଥମ ଉତ୍ତରଦାତାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ । ବିଦ୍ୱାନ ବିଚାରପତି ପ୍ରଥମ ଉତ୍ତରଦାତାଙ୍କୁ ଏହି ଆଧାରରେ ଦୋଷମୁକ୍ତ କରିଥିଲେ ଯେ

ଆବେଦନକାରୀ ପ୍ରମାଣ କରିନଥିଲେ ଯେ 1993 ମସିହା ଏପ୍ରିଲ 6 ତାରିଖର ଚେକ୍ କୌଣସି ଋଣ କିମ୍ବା ଦାୟ ପାଇଁ ଜାରି କରାଯାଇଥିଲା ।

ଆମ ମତରେ, ଏହି ଆପେକ୍ଷିତ ରାୟକୁ ଆଦୌ ବଜାୟ ରଖାଯାଇପାରିବ ନାହିଁ । ଅଗ୍ରାହ୍ୟ ଚେକ ବାବଦରେ ପ୍ରମାଣ ଦେବାର ଭାର ଅଭିଯୋଗକାରୀଙ୍କ ଉପରେ ରହିଥିବା ଆଧାରରେ ଏହି ରାୟ ଭୁଲ ଭାବେ ଆଗକୁ ଅଗ୍ରସର ହୋଇଛି । ଏଥିରୁ ଜଣାପଡୁଛି ଯେ, ବିଚାରପତି ଆଇନର ଧାରା 118 ଏବଂ 139କୁ ଅଣଦେଖା କରିଛନ୍ତି । ଧାରା 118 ଅନୁଯାୟୀ, ଯଦି ଏହାର ବିପରୀତ ପ୍ରମାଣିତ ନହୁଏ, ତେବେ ଏହା ଅନୁମାନ କରାଯିବ ଯେ ବିନିମୟଯୋଗ୍ୟ ବିଲେଖ(ଚେକ୍ ସମେତ) ମୂଲ୍ୟ ପାଇଁ ପ୍ରସ୍ତୁତ କିମ୍ବା ଲେଖା ଯାଇଛି । ଯେଉଁ ପର୍ଯ୍ୟନ୍ତ ଏହାର ବିପରୀତ ପ୍ରମାଣିତ ହୋଇନଥିଲା ସେ ପର୍ଯ୍ୟନ୍ତ ଧାରା 139 ଅନୁଯାୟୀ ଅଦାଲତଙ୍କୁ ଅନୁମାନ କରିବାକୁ ପଡିବ ଯେ ଚେକ୍ ଧାରକ ଏକ ଋଣ କିମ୍ବା ଦାୟକୁ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଭାବରେ ତୁଳାଇବା ପାଇଁ ଚେକ୍ ଗ୍ରହଣ କରିଥିଲେ । ତେଣୁ ଧାରା 138 ଅନୁଯାୟୀ ଅଭିଯୋଗଗୁଡ଼ିକରେ, ଅଦାଲତଙ୍କୁ ଅନୁମାନ କରିବାକୁ ହେବ ଯେ ଚେକ୍ ଏକ ଋଣ କିମ୍ବା ଦାୟ ପାଇଁ ଜାରି କରାଯାଇଥିଲା । ଏହି ଅନୁମାନକୁ ଖଣ୍ଡନ କରାଯାଇପାରିବ । ତେବେ ଋଣ କିମ୍ବା ଦାୟ ପାଇଁ ଚେକ୍ ଜାରି କରାଯାଇ ନାହିଁ ବୋଲି ପ୍ରମାଣ କରିବାର ଦାୟ ଅଭିଯୁକ୍ତଙ୍କ ଉପରେ ରହିଛି । [2001] 6 ଏସ. ସି. ସି. 16ରେ ହିତେନ ପି. ଦଲାଲ ବନାମ ବ୍ରାଟିନ୍ଦ୍ରନାଥ ବାନାର୍ଜୀ ମାମଲାରେ ଏହି ଅଦାଲତ ମଧ୍ୟ ସମାନ ମତ ରଖିଛନ୍ତି ।

ଏହି ମାମଲାରେ ଏହା ସ୍ୱୀକାରଯୋଗ୍ୟ ଯେ ପ୍ରଥମ ଉତ୍ତରଦାତା କିଛି ଆନୁଷ୍ଠାନିକ ପ୍ରମାଣ ବ୍ୟତୀତ କୌଣସି ପ୍ରମାଣ ଉପସ୍ଥାପନ କରିନାହାଁନ୍ତି । ଉଚ୍ଚ ନ୍ୟାୟାଳୟ ଏହି ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ପରି ପ୍ରତୀୟମାନ ହେଉଛି ଯେ 1993 ମସିହା ମେ ମାସ 21 ତାରିଖରେ ତାଙ୍କ ଉତ୍ତରରେ ଥିବା ପ୍ରତ୍ୟାଖ୍ୟାନ/ଦୃଢୋକ୍ତି, ଆବେଦନକାରୀ/ଅଭିଯୋଗକାରୀଙ୍କ ଉପରେ ପ୍ରମାଣ

କରିବାର ଦାୟ ସ୍ଥାନାନ୍ତର କରିବା ପାଇଁ ଯଥେଷ୍ଟ ଥିଲା, ଏହା ପ୍ରମାଣ କରିବା ପାଇଁ ଯେ ଚେକ୍ ଏକ ଋଣ କିମ୍ବା ଦାୟ ପାଇଁ ଜାରି କରାଯାଇଥିଲା । ଏହା ଏକ ସମ୍ପୂର୍ଣ୍ଣ ଭୁଲ ଆଭିମୁଖ୍ୟ । ଦୃଢ଼ ପ୍ରମାଣକୁ ଆଗକୁ ନେଇ, ପ୍ରଥମ ଉତ୍ତରଦାତାଙ୍କୁ ବିଚାରରେ ପ୍ରମାଣ କରିବାକୁ ପଡ଼ିଥିଲା ଯେ କୌଣସି ଋଣ କିମ୍ବା ଦାୟ ନାହିଁ । ପ୍ରଥମ ପ୍ରତିପକ୍ଷ କୌଣସି ପ୍ରମାଣ ଉପସ୍ଥାପନ କରି ନ ଥିବାରୁ ତାଙ୍କ ଉପରେ ଲାଗିଥିବା ବୋଝରୁ ମୁକ୍ତି ପାଇଛନ୍ତି ବୋଲି କୁହାଯାଇପାରିବ ନାହିଁ । ପ୍ରଥମ ଉତ୍ତରଦାତା ପ୍ରମାଣ କରିବାର ଭାର ମୁକ୍ତ କରି ନଥିଲେ ଯେ ଚେକ୍ ଋଣ କିମ୍ବା ଦାୟିତ୍ୱ ପାଇଁ ଜାରି କରାଯାଇ ନଥିଲା, ତେଣୁ ଦଣ୍ଡାଧିକାରୀଙ୍କ ଦ୍ୱାରା ଦିଆଯାଇଥିବା ଦଣ୍ଡାଦେଶ ସଠିକ୍ ଥିଲା । ଉଚ୍ଚ ନ୍ୟାୟାଳୟ ଭୁଲବଶତଃ ସେହି ଦଣ୍ଡାଦେଶକୁ ବାତିଲ କରିଦେଇଥିଲେ ।

ଏହି ପ୍ରସଙ୍ଗକୁ ଦୃଷ୍ଟିରେ ରଖି ଆପେକ୍ଷିତ ରାୟକୁ ବାତିଲ ଦିଆଯାଇଛି । ଦଣ୍ଡାଧିକାରୀଙ୍କ ଦ୍ୱାରା 21 ମାର୍ଚ୍ଚ, 1994 ତାରିଖର ଆଦେଶ ଅନୁଯାୟୀ ଦିଆଯାଇଥିବା ଦୋଷୀ ସାବ୍ୟସ୍ତିକରଣ ଏବଂ ଦଣ୍ଡାଦେଶ କାଏମ ରହିଛି । ପ୍ରଥମ ଉତ୍ତରଦାତାଙ୍କୁ ଜୋରିମାନା ପଇଠ କରିବା ପାଇଁ ଏକ ମାସ ସମୟ ଦିଆଯାଇଥାଏ ।ଏହାର ଖିଲାପ କଲେ ସେ 3 ମାସ ପାଇଁ ସାଧାରଣ କାରାବାସ ଭୋଗିବେ । ଜରିମାନା, ଯଦି ଆଦାୟ ହୁଏ, ସେଥିରୁ 60,000 ଟଙ୍କା କ୍ଷତିପୂରଣ ରାଶି ଭାବରେ ଅଭିଯୋଗକାରୀଙ୍କୁ ପ୍ରଦାନ କରାଯିବ ।

ତଦନୁସାରେ ଆବେଦନଟିର ଫଏସଲା କରାଯାଇଥାଏ । ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ରହିବ ନାହିଁ ।

ଭି. ଏସ୍. ଏସ୍. ଆବେଦନ ଖାରଜ ହୋଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର :**

ସ୍ୱିଡିଲ୍ ନାୟକ,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।